# Akashvani, Sambalpur

## SAMBALPURI NEWS EVENING BULLETIN

## 13 August 2026-7.02- 7.12 pm.

---

୧- ଶେଷ୍ ହେଲା ସଂସଦ୍‌ର ମୌସୁମୀ ଅଧିବେଶନ୍ ।

- ୧୨ ଟା ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ୍

୨- ୨୦୨୪ ଆଉ ୨୦୨୫ ବଛର୍ ଲାଗି ସଂଗୀତ୍ ନାଟକ୍ ଏକାଡେମୀ ଫେଲୋସିପ୍ ଆଉ ପୁରସ୍କାର୍ ପ୍ରଦାନ୍ କଲେ ରାଷ୍ଟ୍ରପତି ।

୩- ଆୟୁର୍ବେଦିକ୍ ଚିକିତ୍ସାଳୟର୍ ଉନ୍ନତି ଆଉ ଆଧୁନିକୀକରଣ୍ ଲାଗି ପଦକ୍ଷେପ୍ ନଉଛନ୍ ସର୍‌କାର୍ -କହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଅବପାତ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା ।

ସଂସଦ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌ର ଦୁହି ଗୃହ ଅନିର୍ଦ୍ଦିଷ୍ଟ ସମିଆ ଲାଗି ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ । ଅଧିବେଶନ୍ ସମିଆଥି ୧୯ ଟା ବୈଠକ୍ ହେବାର୍ ସହେତେ ୧୨ ଟା ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ୍ ହେଇଛେ । ସାର୍ବଜନୀନ ପରୀକ୍ଷା ଅସାଧୁ ଉପେ ନିବାରଣ୍ ସଂଶୋଧନ୍ ବିଲ୍-୨୦୨୬, ଜାତୀୟ ସମ୍ମାନ୍‌ର ଅପମାନ୍ ନିବାରଣ୍ ସଂଶୋଧନ୍ ବିଲ୍, ଟ୍ରିବ୍ୟୁନାଲ୍ ସଂସ୍କାର୍ ବିଲ୍, ଜାତୀୟ ସମବାୟ ବିକାଶ୍ ନିଗମ୍ ସଂଶୋଧନ୍ ବିଲ୍ ରହିଛେ । ଗଲାମାସ ୨୦ ତାରିଖ୍‌ନୁ ମୁଲ୍ ହେଇଥିବା ସଂସଦ୍‌ର ମୌସୁମୀ ଅଧିବେଶନ୍ ୨୫ ଦିନ୍ ଧରିକରି ଚାଲିଥିଲା । ନୂଆଦିଲ୍ଲୀ ନ ଗଣମାଧ୍ୟମ୍‌କେ ସମ୍ବୋଧିତ୍ କରିକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍, ବିରୋଧୀ ସଦସ୍ୟ ମାନ୍‌କର୍ ହୋହଲ୍ଲା ଆଉ ବିରୋଧ୍ ଲାଗି ବିଲ୍ ମାନ୍‌କର୍ ଉପ୍‌ରେ ସନ୍ତୋଷ୍‌ଜନକ୍ ଆଲୋଚନା ସମ୍ଭବ୍ ନାଇଁହେଇପାରି । ସର୍‌କାର୍ ଆଲୋଚନା ଲାଗି ଆଉ ବିରୋଧୀମାନ୍‌କର୍ ଉତର୍ ଦେବାର୍‌କେ ପ୍ରସ୍ତୁତ୍ ଥିଲେ ବଲି ଶ୍ରୀ ରିଜିଜୁ କହିଛନ୍ ।

(ଭଏସ୍ ଓଭର୍- କିରେନ୍ ରିଜିଜୁ)

ଖଣି ଆଉ ଖଣିଜ ବିକାଶ୍ ଆଉ ନିୟନ୍ତ୍ରଣ୍ ସଂଶୋଧନ୍ ବିଲ୍ ରାଜ୍ୟସଭା ନ ଆଏଜ୍ ପାରିତ୍ ହେଇଛେ । ସଖାଲର୍ ୧୧ ବଜେ ଗୃହକାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ କୁଇଲା ଆଉ ଖଣିମନ୍ତ୍ରୀ ଜି.କିଷନ୍ ରେଡ୍ଡୀ ଇ ବିଲ୍‌କେ ଆଗତ୍ କରିଥିଲେ । ଇହାଦେ ପ୍ରଚଲିତ୍ ଖଣି ଆଉ ଖଣିଜ ବିକାଶ୍ ଆଉ ନିୟନ୍ତ୍ରଣ୍ ଆଇନ୍ ୧୯୫୭ ଥି କେତେଟା ସଂଶୋଧନ୍ ଲାଗି ଇ ବିଲ୍‌ଥି ପ୍ରସ୍ତାବ୍ ରହିଛେ । ଦେଶର୍ ଖଣିକ୍ଷେତ୍ରକେ ଅଏତ୍‌କା ଦକ୍ଷ, ନିବେଶ୍ ଅନୁକୂଲ୍ ଆଉ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର୍ ବଢୁଥିବା ଚାହିଦାକେ ପୁରା କର୍‌ବାର୍ ଦିଗେ ଇ ବିଲ୍ ସାହାଜ୍ କର୍‌ବା ବଲି ଆଶ୍ କରାଯାଉଛେ । ବିଲ୍ ଆଲୋଚନାର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍, ଖଣିଜ ସମ୍ପଦ ମାନ୍‌କର୍ ସଠିକ୍ ପରିଚାଳନା ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ । ଖଣିଜ ପରିଚାଳନା କ୍ଷେତ୍ରଥି ସ୍ୱଚ୍ଛତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ନିଲାମ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛେ ।

ପ୍ରେସିଡେଂଟ-ସଙ୍ଗୀତ ନାଟକ ଏକାଡେମୀ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସମୃଦ୍ଧ ଲୋକସଂସ୍କୃତିକେ ସଂରକ୍ଷଣ୍ କରି ରଖ୍‌ବାର୍‌ଥି କଲାକାର୍‌ମାନ୍‌କର୍ ବହୁତ୍ ବଡ଼ ଭୂମିକା ରହିଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଆଏଜ୍ ୨୦୨୪ ଆର୍ ୨୦୨୫ ବଛର୍ ଲାଗି ସଂଗୀତ୍ ନାଟକ୍ ଏକାଡେମୀ ଫେଲୋସିପ୍ ଆଉ ପୁରସ୍କାର୍ ଦେବାର୍ ଅବ୍‌ସରେ ରାଷ୍ଟ୍ରପତି ଇଟା କହିଛନ୍ । ସମାରୋହଥି ଶହେ ନୁ ଅଏତ୍‌କା କଲାକାର୍‌ଙ୍କୁ ରାଷ୍ଟ୍ରପତି ଫେଲୋସିପ୍ ଆର୍ ପୁରସ୍କାର୍ ପ୍ରଦାନ୍ କରିଛନ୍ । ରାଷ୍ଟ୍ରପତି କହିଛନ୍ ପୁରସ୍କାର୍‌ପ୍ରାପ୍ତ କଲାକାର୍ ଆଧୁନିକ୍ ଭାରତ୍‌ର ପ୍ରତିଭା ଆଉ କଲା କ୍ଷେତ୍ରର୍ ସମର୍ପଣ୍ ଭାବ୍‌କେ ପ୍ରତିଫଲନ୍ କରୁଛନ୍ । ସେ କହିଛନ୍, ସଂଗୀତ୍ ଆର୍ ନୃତ୍ୟ ସମ୍‌କର୍ ଭିନ୍ ଭିନ୍ ଶୈଲୀ ରହିଛେ । ଲୋକନାଟ୍ୟଶାଲାର୍ ଭିଲ୍ ବହୁତ୍‌ଟେ ରୂପ ଦେଶର୍ ସାଂସ୍କୃତିକ୍ ବୈଭବ୍‌କେ ଉନ୍ନତ୍ କରିଛେ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଦେଶର୍ ଭିନ୍ ଭିନ୍ ଜାଗାନୁ ଫେଲୋସିପ୍ ଆଉ ପୁରସ୍କାର୍ ଲାଗି କଲାକାର୍ ମନୋନୀତ୍ ହେଇଥିଲେ ।

ସଂଗୀତ୍ ନାଟକ୍ ଏକାଡେମୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରୀ ଲୋକସଂସ୍କୃତିର୍ ପ୍ରଚାର୍ ପ୍ରସାର୍‌ଥି ଉଲ୍ଲେଖନୀୟ ଅବାଦନ୍ ଲାଗି ସମ୍ବଲ୍‌ପୁର୍‌ର ଗୁରୁ ରଞ୍ଜିତ୍ କୁମାର୍ ନାଗଙ୍କୁ ୨୦୨୪ ବଛର୍ ଲାଗି ସମ୍ମାନ୍‌ଜନକ୍ ସଂଗୀତ୍ ନାଟକ୍ ଏକାଡେମୀ ପୁରସ୍କାର୍ ପ୍ରଦାନ୍ କରାଯାଇଛେ । ଇତାର୍ ସହେତେ ଓଡ଼ିଶାନୁ ୬ ଝନ୍‌କୁ ରାଷ୍ଟ୍ରପତି ଇ ସମ୍ମାନ୍ ଜନକ୍ ପୁରସ୍କାର୍ ପ୍ରଦାନ୍ କରିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ-ଆୟୁର୍ବେଦିକ୍ ଚିକିସ୍ଚାଳୟ ହି.ସ.

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଆଏଜ୍ ଭୁବ୍‌ନେଶ୍ୱର୍ ନ ଶହେ ଶଯ୍ୟା ବିଶିଷ୍ଟ ସର୍‌କାରୀ ଆୟୁର୍ବେଦିକ୍ ଚିକିସ୍ଚାଳୟର୍ ଉନ୍ନତିକରଣ୍ ଆଉ ଫାର୍ମାସୀ ୱେର୍‌ହାଉସ୍ ଘର୍ ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୂରଦର୍ଶୀ ନେତୃତ୍ୱଥି ଆୟୁର୍ବେଦ୍ ବାଗିର୍ ଭାରତୀୟ ପୁରାତନ୍ ଚିକିସ୍ଚା ପଦ୍ଧତିକେ ପ୍ରୋସ୍ଚାହନ୍ ଦିଆଯାଉଛେ । ମୁଖ୍ୟମନ୍ତ୍ରୀଙ୍କର୍

ନେତୃତ୍ୱଥି ରାଏଜେ ସର୍‌କାରୀ ଆୟୁର୍ବେଦିକ୍ ଚିକିତ୍ସାଳୟର୍ ଗୁଣାତ୍ମକ ଉନ୍ନତି ଆଉ ଆଧୁନିକୀକରଣ୍ ଲାଗି ବ୍ୟାପକ୍ ପଦକ୍ଷେପ୍ ନିଆଯାଉଛେ ବଲି ସେ କହିଛନ୍ । ରୋଗୀ କୈନ୍ଦ୍ରିକ୍, ସୁରକ୍ଷିତ୍, ଗୁଣାତ୍ମକ ଆଉ ବୈଜ୍ଞାନିକ ମାନଦଣ୍ଡ ଆଧାରିତ୍ ଆୟୁବେଦିକ୍ ଚିକିତ୍ସା ସେବାକେ ଅଏତ୍‌କା ସୁଲଭ ଆଉ ବର୍‌କସ୍ କର୍‌ବାର୍‌ଟା ହିଁ ଇ ପଦକ୍ଷେପ୍‌ର ମୁଲ୍ ଲକ୍ଷ୍ୟ ଆଏ । ଯେନ୍‌ଥିର୍‌ଲାଗି ସର୍‌କାରୀ ଆୟୁର୍ବେଦିକ୍ ଚିକିତ୍ସାଳୟ ମାନ୍‌କର୍ ସେବାର୍ ମାନ ଉନ୍ନତ୍ ହେବାର୍ ସହେତେ ସାଧାରଣ୍ ଲୁକ୍‌କର୍ ଭିତ୍‌ରେ ଆୟୁର୍ବେଦ୍ ଚିକିତ୍ସା ଲାଗି ଆସ୍ଥା ବଢ଼୍‌ବା ବଲି ମନ୍ତ୍ରୀ କହିଛନ୍ ।

ବିଶ୍ୱ ଅଙ୍ଗଦାନ୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

'ଅଙ୍ଗଦାନ୍ କରୁନ୍- ନୂଆଁ ଜୀବନ୍ ଦଉନ୍' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଅଙ୍ଗଦାନ୍ ଦିବସ୍ । ଅଙ୍ଗଦାନ୍ ଜରିଏ ବହୁତ୍ ମୂଲ୍ୟବାନ୍ ଜୀବନ୍ ବଂଚାବାର୍ ଲକ୍ଷ୍ୟଥି ଫି ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ଅଙ୍ଗଦାନ୍ ଦିବସ୍ ଭାବେ ପାଲନ୍

କରାଯାଉଛେ । ଅଙ୍ଗଦାନ୍ କ୍ଷେତ୍ରଥି ସାରା ପୁରଥି ନ ଭାରତ୍ ୩ ନମ୍ବର ଠାନେ ରହିଥିବାର୍ ବେଲ୍କେ ପୂର୍ବାଂଚଲ ରାଜ୍ୟମାନ୍କର୍ ଭିତ୍ରେ ଓଡ଼ିଶା ସବୁନୁ ଆଗାଡ଼େ ରହିଛେ । ଝନେ ମସ୍ତିଷ୍କ ମୃତ ବ୍ୟକ୍ତିଙ୍କର୍ ଅଙ୍ଗଦାନ୍ ୮ ଝନ୍ ଲୁକ୍କର୍ ଜୀବନ୍ ବଂଚେଇ ପାର୍ସି ।

ବିଶ୍ୱ ଅଙ୍ଗଦାନ୍ ଦିବସ୍ ଅବ୍ସରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଙ୍ଗଦାନ୍ କରିକରି ଆଉଗୁଟେ ଜୀବନ୍କେ ବଂଚାବାର୍ ଲାଗି ପରାମର୍ଶ ଦେଇଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଅଙ୍ଗଦାନ୍ ବାବ୍ଦେ ସଚେତନ୍ତା ସୃଷ୍ଟି କରିକରି ଜୀବନ୍ ବଂଚାବାର୍ ଇ ମହତ୍ କାମ୍ଥି ଭାଗିଦାର୍ ହେବାର୍ ଲାଗି କହିଛନ୍ । ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ଆଏଜ୍ ଲୋକସେବା ଭବନ୍ କନ୍ଭେନ୍ସନ୍ ସେଂଟର୍ ଠାନେ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ୍ କରାଯାଉଛେ ।

ପିଏମ୍ଏୱାଇ- ସମୀକ୍ଷା        ଆଇ.ଆଣ୍ଡ.ପି.ଆର୍

ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍ନା ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନା ଅଧୀନ୍ଥି ତାଲିକାଭୁକ୍ତ

ଡାକ୍ତର୍‌ଖାନାମାନ୍‌କୁ କାର୍ଡ଼ ଧାରୀମାନ୍‌କର୍ ସାହାଜ୍ ଲାଗି ୨୪ ଘଂଟିଆ ହେଲ୍ପଡେସ୍କ, ପିଏମ୍ ରାହତ୍ ଥି ମାହାଲିଆ ଜରୁରୀକାଲୀନ୍ ଚିକିସ୍ୱା ଆଉ ଆୟୁଷ୍ମାନ୍ ଡିଜିଟାଲ୍ ମିଶନ୍‌କେ କଡ଼ାକଡ଼ି ମାନ୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆୟାଯାଇଛେ । ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର୍ ବୃନ୍ଦା ଡି. ଘରୋଇ ଡାକ୍ତର୍‌ଖାନାମାନ୍‌କେ ଇସବୁ ଯୋଜ୍‌ନାର୍ ସମୀକ୍ଷା କରିଛନ୍ । ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନାର୍ ନିୟମ୍ ଅନ୍‌ସାରେ ସବୁ ତାଲିକାଭୁକ୍ତ ଡାକ୍ତର୍‌ଖାନାର୍ ମୁଖ୍ୟ ପ୍ରବେଶ୍ ଠାନେ ହେଲ୍ପ ଡେସ୍କ ଥାପ୍‌ନା କରାଯିବା । ଆୟୁଷ୍ମାନ୍ କାର୍ଡ଼ଧାରୀଙ୍କୁ ଚିକିସ୍ୱା ଆଉ ରେଜିଷ୍ଟ୍ରେସନ୍ ସହେତେ ସବୁ ପ୍ରକାର୍ ସୂଚ୍‌ନା ଆଉ ଜରୁରୀ ସାହାଜ୍ ଯୁଗେଇ ଦିଆଯିବା ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ପ୍ରତିପଦା ତିଥି ନ ଆଏଜ୍ ମାହାପୁରୁମାନ୍‌କର୍ ବନକଲାଗି ନୀତି ଚାଲିଛେ । ଇଥିର୍‌ଲାଗି

୨ ନମ୍ବର୍ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍ରୁ ବେଲ୍ବୁଡ଼ର୍ ୬ ନୁ ରାତି ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆୟାଇଛେ ।

ଚିତ୍ରକଳା କର୍ମଶାଳା        କଲାହାଣ୍ଡି ସମ୍ବାଦଦାତା

ସ୍ୱାଧୀନତା ଦିବସ୍ ଅବ୍ସରେ ହର୍ଘର୍ ତ୍ରିରଙ୍ଗା ଅଭିୟାନ୍ କେ ନେଇକରି କଲାହାଣ୍ଡି କଲେଜ୍ ଅଫ୍ ଆର୍ଟ ଏଣ୍ଡ୍ ରିସର୍ଚ୍ଚ ପରିସର୍ ନ ଗଲାକାଏଲ୍ ଗୁଟେ ଖାସ୍ ଚିତ୍ରକଳା କର୍ମଶାଳା ଆଉ ଚିତ୍ର ପ୍ରଦର୍ଶନୀ ଆୟୋଜିତ୍ ହେଇୟାଇଛେ । କାର୍ଯ୍ୟକ୍ରମ୍କେ ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଅତିଥିମାନେ ପ୍ରଦର୍ଶିତ୍ ଚିତ୍ରକଳାମାନ୍କୁ ବୁଲି ଦେଖ୍ବାର୍ ସହେତେ ଛାତ୍ରଛାତ୍ରୀ ଆଉ ଶିଳ୍ପୀମାନ୍କର୍ ପ୍ରଶଂସା କରିଥିଲେ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ ହି.ସ.

ଆଏବା ମାସ ୧୨ ତାରିଖ୍ ଶନିବାର୍ ଦିନ ବଲାଙ୍ଗିର୍, ପାଟ୍ନାଗଡ୍, ଟିଟିଲାଗଡ୍, କଂଟାବାଞ୍ଜି, ଲୁଇସିଂହା, ସଇଁତଲା, ମୁରିବାହାଲ୍, ବଙ୍ଗୋମୁଣ୍ଡା ଆଉ ତୁଷ୍ରା ଅଦାଲତ୍ ପରିସର୍ ସହେତେ ଜିଲ୍ଲାର୍ ସବୁ ରାଜସ୍ୱ ବିଭାଗ୍, ରାଷ୍ଟ୍ରାୟତ ବେଙ୍କ୍, ଶ୍ରମ ବିଭାଗ୍, ପୌରପାଳିକା ନ ୨୦୨୬ ବଛର୍ର ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେବା । ଇ ଅଦାଲତ୍ଥି ଭିନ୍ ଭିନ୍ ଦେଓ୍ୱାନୀ ମୋକ୍ଦ୍ଦମାର୍ ଆପୋଷ୍ ସମାଧାନ୍ କରାଯିବା । ପ୍ରାକ୍ ମକଦ୍ଦମାସ୍ତରୀୟ ମାମ୍ଲାମାନ୍କର୍ ନିଷ୍ପତି ଭିଲ୍ ଇଠାନେ ହେଇପାର୍ବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ତାର୍ ଆଖର୍ପାଖର୍ ଇଲାକା ନ ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍ କ୍ଷେତ୍ର ଅବପାତ୍ଥି ବଦ୍ଲିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍

ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦରଗଡ୍ ଆଉ କେନ୍ଦୁଝର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ । ସେନ୍ତା ସମ୍ବଲ୍ପୁର୍, ଦେବ୍ଗଡ୍, ଝାର୍ସୁଗୁଡ଼ା, ବର୍ଗଡ୍ ସହେତେ ୧୧ ଟା ଜିଲ୍ଲା ନ ଅତି ଜବର୍ ବର୍ଷାକେ ନେଇକରି କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୧୪ ଦଶ୍ମିକ୍ ୯/୩ ଫୁଟ୍ ରହିଛେ । ଇହାଦେ ୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୬୫ ହଜାର୍ ୪ ଶହ ୬୩ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୫ ହଜାର୍ ୫ ଶହ ୮୭ ଘନଫୁଟ୍ ପାଏନ୍ ଆସୁଛେ ।